ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

କେନ୍ଦ୍ରକୁ ପତ୍ର ଲେଖିଲେ ଅର୍ଥମନ୍ତ୍ରୀ ଶ୍ରୀ ବେହେରା

# ଶାଳ/ଶିଆଳି ଥାଳି ଓ ଠୋଲା, ସବାଇ ଘାସ ଓ ଦଉଡ଼ି ଏବଂ ହସ୍ତଶିଳ୍ପ ସାମଗ୍ରୀରେ ଜିଏସ୍‌ଟି ଛାଡ କରାଯାଉ

ଭୁବନେଶ୍ୱର, ତା.୨୧/୦୮/୨୦୧୭ରିଖ

ଶାଳ/ଶିଆଳି ପତ୍ରର ଥାଳି ଓ ଠୋଲା, ସବାଇ ଘାସ ଓ ସେଥିରେ ତିଆରି ଦଉଡ଼ି ଏବଂ ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀଗୁଡ଼ିକୁ  ଦ୍ରବ୍ୟ ଓ ସେବାକର(ଜିଏସ୍‌ଟି)ମୁକ୍ତ କରିବାକୁ ଅର୍ଥ ଓ ଅବକାରୀ ମନ୍ତ୍ରୀ ଶ୍ରୀ ଶଶିଭୂଷଣ ବେହେରା ଦାବି କରିଛନ୍ତି । ରାଜ୍ୟର ଅନୁସୂଚିତ ଜନଜାତି ତଥା ହସ୍ତଶିଳ୍ପୀ କାରିଗରମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଉପରୋକ୍ତ ଦ୍ରବ୍ୟଗୁଡିକୁ ଜିଏସ୍‌ଟି ତାଲିକାରୁ ବାଦ ଦେବା ନିମନ୍ତେ ମନ୍ତ୍ରୀ ଶ୍ରୀ ବେହେରା କେନ୍ଦ୍ର ଅର୍ଥ ମନ୍ତ୍ରୀ ତଥା ଜିଏସ୍‌ଟି କାଉନ୍‌ସିଲର ଅଧକ୍ଷ ଶ୍ରୀ ଅରୁଣ ଜେଟଲିଙ୍କୁ ଏହି ମର୍ମରେ ଆଜି ପତ୍ର ଲେଖିଛନ୍ତି ।

ମନ୍ତ୍ରୀ ଶ୍ରୀ ବେହେରା ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି କି ଗତ ଜୁଲାଇ ୧୭ ତାରିଖ ଦିନ ଅନୁଷ୍ଠିତ ଉନବିଂଶତମ ଜିଏସ୍‌ଟି କାଉନ୍‌ସିଲ ବୈଠକରେ ସେ ଶାଳ, ଶିଆଳିପତ୍ରରେ ତିଆରି ଥାଳି ଓ ଠୋଲାକୁ କରମୁକ୍ତ କରିବାକୁ ଅନୁରୋଧ କରିଥିଲେ । ଓଡ଼ିଶାର ଅନୁସୂଚିତ ଜନଜାତି ଶାଳ/ଶିଆଳି ପତ୍ର ସଂଗ୍ରହପୂର୍ବକ ସେସବୁରେ ଥାଳି ଓ ଠୋଲା ସିଲେଇ କରି ବଜାରରେ ବିକ୍ରୟ କରିଥାନ୍ତି । ନିମ୍ନ ଓ ମଧ୍ୟବିତ୍ତ ବର୍ଗର ଲୋକମାନେ ମଧ ଏହା ବ୍ୟବହାର କରିଥାନ୍ତି । ଜନଜାତିଙ୍କ ଆର୍ଥିକ ଅବସ୍ଥାକୁ ଦୃଷ୍ଟିରେ ରଖି ଏହା ଏକ ପରିବେଶ ଅନୁକୂଳ କାର୍ଯ୍ୟ ହୋଇଥିବାବେଳେ ଓଡ଼ିଶାରେ ଏଗୁଡିକ ଉପରେ ଭ୍ୟାଟ୍ ଛାଡ଼ କରାଯାଇଥିଲା ବୋଲି ମନ୍ତ୍ରୀ କହିଛନ୍ତି । ଏଗୁଡିକ ଉପରେ ମଧ ଅବକାରୀ ଶୁଳ୍କ ଲାଗୁ ହେଉନଥିଲା । ନୀତିଗତ ଦୃଷ୍ଟିରୁ ଜିଏସ୍‌ଟି ଟିକସ ହାର ତାଲିକାରେ ଏହି ଦ୍ରବ୍ୟଗୁଡ଼ିକୁ ବାଦ୍ ଦିଆଯିବା କଥା । କିନ୍ତୁ ଜିଏସ୍‌ଟି ତାଲିକାର ତୃତୀୟ ପର୍ଯ୍ୟାୟର ୪୫୩ କ୍ରମରେ ଏହି ସବୁ ଦ୍ରବ୍ୟ ଉପରେ ୯ ପ୍ରତିଶତ କେନ୍ଦ୍ରୀୟ ଜିଏସ୍‌ଟି ଓ ୯ ପ୍ରତିଶତ ରାଜ୍ୟ ଜିଏସ୍‌ଟି ମିଶାଇ ୧୮ ପ୍ରତିଶତ କର ନିଆଯିବ ବୋଲି କୁହାଯାଇଛି । ଓଡ଼ିଶାର ଜନଜାତିମାନଙ୍କ ଜୀବନଜୀବିକା ଏସବୁ ଉପରେ ନିର୍ଭରଶୀଳ ହୋଇଥିବା ବେଳେ ଏହି ଦ୍ରବ୍ୟଗୁଡ଼ିକୁ ତାଲିକା ଅନ୍ତର୍ଭୁକ୍ତ ନକରିବା ପାଇଁ ମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି । ସେହପରି ସବାଇ ଘାସ ଓ ସେଥିରେ ତିଆରି ଦଉଡ଼ିକୁ ମଧ ଜିଏସ୍‌ଟି ଛାଡ କରିବା ପାଇଁ ମନ୍ତ୍ରୀ ଦର୍ଶାଇଛନ୍ତି । ଏହି ପ୍ରସଙ୍ଗ ନେଇ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ପକ୍ଷରୁ ମଧ ଗତ ଜୁଲାଇ ୨୦ ତାରିଖରେ ଜିଏସ୍‌ଟି କାଉନ୍‌ସିଲକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପତ୍ର ଲେଖାଯାଇଥିଲା । ଆସନ୍ତା କାଉନ୍‌ସିଲ ବୈଠକରେ ନିଷ୍ପତ୍ତି ନିଆଯାଇ ସବାଇ ଘାସ ଓ ସେଥିରୁ ତିଆରି ଦଉଡ଼ିକୁ ଜିଏସ୍‌ଟି ଛାଡ଼ କରିବା ପାଇଁ ମନ୍ତ୍ରୀ ଶ୍ରୀ ବେହେରା ଦାବି କରିଛନ୍ତି ।

ଓଡ଼ିଶାର ଉତ୍କୃଷ୍ଟ ହସ୍ତଶିଳ୍ପ ସାମଗ୍ରୀ ଉପରୁ ଜିଏସ୍‌ଟି ଛାଡ଼ କରିବା ପାଇଁ ମତ ରଖି ମନ୍ତ୍ରୀ ଶ୍ରୀ ବେହେରା ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାର ହସ୍ତଶିଳ୍ପୀମାନଙ୍କ ଦ୍ୱାରା ପଥରକାମ,

କାଠକାମ, ପଟ୍ଟଚିତ୍ର, ଚାନ୍ଦୁଆ, ତାଳପତ୍ର କାମ, କଂସା, ପିତ୍ତଳ ଓ ଡୋକ୍‌ରା କାମ, ମାଟି କାମ ବା ଟେରାକୋଟା ଓ ସାନ୍ତାଳ ତଥା ସଉରା ଚିତ୍ରକଳା ଇତ୍ୟାଦି ବିଶେଷ ଭାବରେ ଗରିବ, ଅନଗ୍ରସର ଓ ଅନୁସୂଚିତ ଜନଜାତିଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥାଏ ଏବଂ ଏଗୁଡ଼ିକ କ୍ଷୁଦ୍ର ଆର୍ଥିକ କାର୍ଯ୍ୟରେ ପରିଗଣିତ ହୁଏ । ଏସବୁ ଦ୍ରବ୍ୟ ଉପରେ ଭ୍ୟାଟ୍ କି ଅବକାରୀ ଶୁଳ୍କ ଲାଗୁ କରାଯାଉ ନଥିଲା । ମାତ୍ର ଜିଏସ୍‌ଟିରେ ଏସବୁ ଉପରେ ୧୨ କିମ୍ବା ୧୮ ପ୍ରତିଶତ କର ନିର୍ଦ୍ଧାରିତ ହୋଇଛି । ଓଡ଼ିଶା ଅର୍ଥ ବିଭାଗ ମଧ୍ୟ ଏ ବାବଦରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଏସ୍‌ଟି କାଉନ୍‌ସିଲ୍‌ର ଦୃଷ୍ଟି ଆକର୍ଷଣ କରିଥିଲା ।

ରାଜ୍ୟର ଜନଜାତି ତଥା ଗରିବ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉପରୋକ୍ତ ସାମଗ୍ରୀଗୁଡିକୁ ଦ୍ରବ୍ୟ ଓ ସେବାକର ମୁକ୍ତ କରିବା ଦିଗରେ କେନ୍ଦ୍ର ଅର୍ଥମନ୍ତ୍ରୀ ତଥା କାଉନ୍‌ସିଲ ଅଧ୍ୟକ୍ଷ ଯଥାର୍ଥ ପଦକ୍ଷେପ ନେବାକୁ ମନ୍ତ୍ରୀ ଶ୍ରୀ ବେହେରା ଦାବି କରିଛନ୍ତି ।

ସୂର୍ଯ୍ୟ ମିଶ୍ର
ସୂଚନା ଅଧିକାରୀ